# Akashvani, Sambalpur

## SAMBALPURI NEWS MORNING BULLETIN

## 26 April 2026 - 6.47- 6.52 am.

---

ମନ୍ କି ବାତ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍‌ଥି ଯୋଗ୍ ଦେଇକରି ପାଖାପାଖି ଶହେ କୋଟି ଟଙ୍କା ଖର୍ଚ୍ଚାଥି ୭୬ ଟା ପ୍ରାଣୀ ଚିକିତ୍ସାଲୟ ଆଉ ୪ ଟା ପ୍ରାଣୀ ସାହାଜ୍ କେନ୍ଦ୍ର ଉଦ୍‌ଘାଟନ୍ କରିଛନ୍ । ଶହେ ୭୭ କୋଟି ଟଙ୍କା ଖର୍ଚ୍ଚାଥି ୨ ଶହ ୧୯ ଟା ନୂଆଁ ପ୍ରାଣୀ ଚିକିତ୍ସାଲୟ ଆଉ ଲେବ୍ ଲାଗି ବୁଝାମଣାପତ୍ର ଭିଲ୍ ସ୍ୱାକ୍ଷରିତ୍ ହେଇଛେ । ଭଦ୍ରକ୍‌ର କସିଆ ନ ୫୦ କୋଟି ଟଙ୍କା ଖର୍ଚ୍ଚାଥି ମତ୍ସ୍ୟ ଅବତରଣ୍ କେନ୍ଦ୍ର ଆଉ ଧାମ୍‌ରା ମାଛଧରା ବନ୍ଦର୍‌ର ଉନ୍ନତିକରଣ୍ କାମ୍‌ର ଭିଲ୍ ଉଦ୍‌ଘାଟନ୍ କରାଯାଇଛେ । ଇ ଅବ୍‌ସରେ ଓପୋଲ୍‌ଫେଡ୍ ର ୫୦ ବଛର୍ ପୂର୍ତି ଅବ୍‌ସରେ ବ୍ରାଉନ୍ ଅଣ୍ଡା ଆଉ ଦେଶୀ ଅସିଲ୍ ଚିକେନ୍ ବିପଣନ କେନ୍ଦ୍ରର୍ ଭିଲ୍ ଶୁଭାରମ୍ଭ ହେଇଛେ । ୱାନ୍ ହେଲ୍‌ଥ ଆଭିମୁଖ୍ୟକେ ବର୍‌କସ୍ କରିକରି ୨୦୪୭ ମସିହାତକ୍ ଅଣ୍ଡା ଉତ୍ପାଦନ୍‌ଥି ଓଡ଼ିଶାକେ ଦେଶର୍ ୫ ନମ୍ବର୍ ଜାଗାକେ ନେବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି       ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍- ୨ ଅଶୋକ୍ ନଗର୍ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର ନ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇଥିର୍‌ଲାଗି ପଞ୍ଜିକରଣ୍ କରିଥିବା ଇଚ୍ଛୁକ ଲୁକେ ନିଜର୍ ପଞ୍ଜିକୃତ ପ୍ରାପ୍ତି ସ୍ୱିକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଆଉ ନିଜର୍ ଅଭିଯୋଗ୍ ପତ୍ର ସହେତେ ଧାରିଜ୍ ସମିଆଥି ଉପସ୍ଥିତ୍ ରହିକରି ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ ଜନେଇପାର୍‌ବେ । ଇ ବାବ୍‌ଦେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରେଜିଷ୍ଟ୍ରେସନ୍ ପ୍ରକ୍ରିୟା          ଆଇ ଆଣ୍ଡ୍ ପି.ଆର୍

ଜରୁରୀ ମାମ୍‌ଲା ଛଡ଼ା କାର୍ଯ୍ୟାଳୟ ପରିସର୍ ବାହାରେ ଦଲିଲ୍ ନିବନ୍ଧନ୍ ପ୍ରକ୍ରିୟାକେ ବନ୍ଦ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ନିର୍ଦ୍ଦେଶ୍ ଦେଇଛନ୍ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ

ସବୁ ନିବନ୍ଧନ୍ କର୍ତୃପକ୍ଷଙ୍କୁ ଆଇନ୍‌କେ କଡ଼ାକଡ଼ି ଭାବେ ମାନ୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଶାରୀରିକ୍ ଅସୁସ୍ଥତା, ଗିରଫଦାରୀ କି ଖାସ୍ ପରିସ୍ଥିତିଥି ଖାଲି ଘରୋଇ ନିବନ୍ଧନ୍‌କେ ଅନୁମତି ଦିଆଯିବା । ଇ ସବୁ ମାମ୍‌ଲାମାନ୍‌କେ ଆଘୋନୁ ଉଚ୍ଚ କର୍ତୃପକ୍ଷଙ୍କର୍ ଅନୁମୋଦନ୍ ଦର୍‌କାର୍ ହେବା । ନିୟମ୍ ନାଇଁ ମାନ୍‌ଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ରଥଯାତ୍ରା ବୈଠକ୍          ଆଇ ଆଣ୍ଡ୍ ପି.ଆର୍

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ୪ ନମ୍ବର୍ ଖେପ୍ ପ୍ରସ୍ତୁତି ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଲ୍ ଆଉ ଆରଧୀ ଅଧିକ୍ଷକ୍ ପ୍ରମୁଖ୍ ଉପସ୍ଥିତ୍ ରହିକରି ଆଏବା ରଥଯାତ୍ରାକେ ଶାନ୍ତିଶୃଙ୍ଖଲାର୍ ସହେତେ ସାର୍‌ବାର୍ ବାବ୍‌ଦେ ଆଲୋଚନା କରିଛନ୍ । ରଥଯାତ୍ରାର୍ ଆଗ୍ରୁ ସବୁ

ପ୍ରକାର୍‌ର ପ୍ରସ୍ତୁତି ସାର୍‌ବାର୍‌କେ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ବଛର୍ ଜୁଲାଇ ମାସର୍ ୧୬ ତାରିଖ୍ ଦିନ ମାହାପୁରୁମାନ୍‌କର୍ ରଥଯାତ୍ରା ହେବା ।

ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ବୌଦ୍ଧିକ ସମ୍ପତି ସଂଗଠନ୍‌ର ପ୍ରସ୍ତାବ୍ ଅନ୍‌ସାରେ ୨୦୦୦ ମସିହାନୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ୍ ଭାବେ ପାଲନ୍ କରାଯାଉଛେ । କପିରାଇଟ୍, ଟ୍ରେଡ୍ ମାର୍କ, ଡିଜାଇନ୍ ଆଉ ପେଟେଂଟ୍ ବାଗିର୍ ବୌଦ୍ଧିକ ସମ୍ପତି ବାବ୍‌ଦେ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ଇତାର୍‌ସହେତେ ଇ ସମ୍ପତି ମାନ୍‌କର୍ ଦୁରୁପଯୋଗ୍ ନେଇକରି ଭିନ୍ ଭିନ୍ ଆଇନ୍ ବାବ୍‌ଦେ ଲୁକ୍‌କୁ ଜନାବାର୍‌ଟା ଇ ଦିବସ୍ ପାଲନ୍‌ର ଆଉ ଗୁଟେ ଲକ୍ଷ୍ୟ ଆଏ । ନୂଆଁ ଉଦ୍ଭାବନ୍, ନୂଆଁ ବିଚାର୍‌କେ ତହଁକାବାର୍ ଲାଗି ଇ ଦିବସ୍ ପାଲନ୍ ସାହାଜ୍ କର୍‌ସି ।

ଯକ୍ଷ୍ମାମୁକ୍ତ ଭାରତ୍ ଅଭିଯାନ		କଲାହାଣ୍ଡି ସମ୍ବାଦଦାତା

କେନ୍ଦ୍ର ସର୍କାର୍ଙ୍କର୍ ଗୃହ ମନ୍ତ୍ରଣାଲୟ ଆଉ ଓଡ଼ିଶା ସେକ୍ଟର୍ ସିଆର୍ପିଏଫ୍ର ଦେଖ୍ରେଖ୍ଥି ଗଲାକାଏଲ୍ କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ସିଆର୍ପିଏଫ୍ ୬୪ ବାଟାଲିୟନ୍ ତର୍ଫୁ ଯକ୍ଷ୍ମାମୁକ୍ତ ଭାରତ୍ ଅଭିଯାନ୍ ଅଧୀନ୍ଥି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ବିଶ୍ୱ ଯକ୍ଷ୍ମା ଦିବସ୍ -୨୦୨୬ ଅବ୍ସରେ ମୁଲ୍ ହେଇଥିବା ଶହେ ଦିନିଆ ଅଭିଯାନ୍ର ଇଟା ଗୁଟେ ଅଂଶ ଆଏ । ଶୋଭାଯାତ୍ରା ସିଆର୍ପିଏଫ୍ ବାଟାଲିୟନ୍ ଅଟାଙ୍ଗଗୁଡ଼ା କେମ୍ପ୍ନୁ ବାହାରିକରି ଭବାନୀପାଟ୍ନା ସହର୍ ବୁଲିଥିଲା । ଶୋଭାଯାତ୍ରାଥି ସିଆର୍ପିଏଫ୍ର ଅଧିକାରୀ ଆଉ ଯବାନ୍ମାନେ ସାମିଲ୍ ହେଇଥିଲେ ।

ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନ୍ସିପ		ଆଇ ଆଣ୍ଡ୍ ପି.ଆର୍

ଭୁବ୍ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଗଲାକାଏଲ୍ ଜୁନିଅର୍ ଆଉ ସିନିଅର୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନ୍ସିପ୍ ମୁଲ୍ ହେଇଛେ । ଓଡ଼ିଶା ଜିମ୍ନାଷ୍ଟିକ୍ ଏସୋସିଏସନ୍, ଭାରତୀୟ ଜିମ୍ନାଷ୍ଟିକ୍

ଫେଡ଼େରେସନ୍ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ହୋଇ ଥିବା ଇ ପ୍ରତିଯୋଗିତା ଆଏବା ୩ ତାରିଖ୍‌ତକ୍ ଚାଲ୍‌ବା । ପହେଲା ଦିନେ ପୁରୁଷ ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ ଜୁନିଅର୍ ଦଲ୍ ପ୍ରତିଯୋଗିତା ହେଇଥିଲା । ଯେନ୍‌ଥି ଓଡ଼ିଶା ୫ ନମ୍ବର୍ ଜାଗା ନ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ ତାପମାତ୍ରା ବଢ଼୍‌ବାର୍‌କେ ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ଗରମ୍ ଆଉ ଗୁଲଗୁଲିକେ ନେଇକରି ୧୫ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ଝାର୍‌ସୁଗୁଡ଼ା ନ ୪୪ ଦଶ୍‌ମିକ୍ ୧, ଟିଟିଲାଗଡ଼୍ ନ ୪୪, ବଲାଙ୍ଗିର୍ ନ ୪୩ ଦଶ୍‌ମିକ୍ ୫, ସୁନ୍ଦର୍‌ଗଡ଼୍ ନ ୪୨ ଦଶ୍‌ମିକ ୮, ସମ୍ବଲ୍‌ପୁର୍ ନ ୪୨ ଦଶ୍‌ମିକ୍ ୬, ସୁବର୍ଣ୍ଣପୁର୍ ନ ୪୨ ଦଶ୍‌ମିକ୍ ୩, ବୌଦ୍ଧ ଆଉ କଲାହାଣ୍ଡି ନ ୪୨ ଆଉ ବର୍‌ଗଡ଼୍ ନ ୪୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।